Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୧, ସଂଖ୍ୟା: ୫୧, ଭୁବନେଶ୍ୱର, ନଭେମ୍ବର ୦୪-୧୦, ୨୦୨୪, Vol: 1, Issue: 51, Bhubaneswar, November 04-10, 2024, Pages- 8

# ଫାଙ୍କା ପଡୁଛି ସରକାରୀ ଶିକ୍ଷାନୁଷ୍ଠାନ

## ସରକାରୀ ଫାଙ୍କା ବେସରକାରୀ ଫୁଲ୍

**ଅର୍ପିତା ମିଶ୍ର**

ବର୍ତ୍ତମାନ ସମାଜରେ ଶିକ୍ଷା ବ୍ୟବସ୍ଥାର ମାନ ବହୁ ଉନ୍ନତ ହୋଇ ଚାଲିଛି। ପୂର୍ବ କାଳରେ ଥିବା ଗୁରୁକୁଳ ସମୟକ୍ରମେ ଚାଟଶାଳୀ ଆଉ



ଏବେ ଉଚ୍ଚମାନର ସ୍କୁଲ ଏବଂ କଲେଜରେ ପରିଣତ ହୋଇଛି। ଶୈଶବ କାଳରୁ ଗୃହ ତ୍ୟାଗକରି ଗୁରୁକୁଳକୁ ବିଦ୍ୟା ଅଧ୍ୟୟନ କରିଯାଉଥିବା ପ୍ରଥା ଏବେ ପରିବର୍ତ୍ତିତ ହୋଇ ଡିଜିଟାଲ ଯୁଗକୁ ପ୍ରବେଶ କରିଛି। ପୂର୍ବରୁ ପାଠପଢ଼ାର ଢାଞ୍ଚା ଏବଂ ମାନକୁ ଦେଖିବାକୁ ଗଲେ ଜଣେ ଗୁରୁଜୀ ବା ଶିକ୍ଷକ, ଶହଶହ ଛାତ୍ରଛାତ୍ରୀଙ୍କୁ ପଢ଼ାଇବାର କ୍ଷମତା ରଖୁଥିଲେ। କିନ୍ତୁ ତାହା ସମୟକ୍ରମେ ବଦଳିବାରେ ଲାଗିଲା। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା। ସମାଜର ନୀତି ନିୟମ ଓ ବଦଳୁଥିବା ଜୀବନଶୈଳୀକୁ ଦୃଷ୍ଟି ଆଗରେ ରଖି ଶିକ୍ଷାକୁ ଆପଣାଇବାକୁ ସଭିଏଁ ଚାହିଁଲେ। ଏହିସବୁ ବିଷୟକୁ ଆଖି ଆଗରେ ରଖି ଯଦି ଆମେ ଅନୁଧ୍ୟାନ କରିବା ତେବେ ଶିକ୍ଷା କ୍ଷେତ୍ରରେ ଆମ ରାଜ୍ୟ ଓଡ଼ିଶା ମଧ୍ୟ ବହୁ ଆଗକୁ ବଢ଼ିଚାଲିଛି। ପ୍ରତି ଜିଲ୍ଲା, ପ୍ରତି ବ୍ଲକ ଏପରିକି ପ୍ରତି ପଞ୍ଚାୟତର ଗ୍ରାମଗୁଡିକରେ ମଧ୍ୟ ଉନ୍ନତମାନର ସ୍କୁଲ୍ ଓ କଲେଜ୍ ଖୋଲିଚାଲିଛି। ଶିକ୍ଷାର ମାନବୃଦ୍ଧି ନିମନ୍ତେ ଆମ ସରକାର ମଧ୍ୟ ଅନେକ ଗୁଡିଏ ପଦକ୍ଷେପ ନେଉଛନ୍ତି ଯାହାଦ୍ୱାରା ପାଠପଢାର ଶୈଳୀ ଆଧୁନିକ ହେବା ସହିତ, ତୃଣମୂଳ ସ୍ତରରୁ ହିଁ ପିଲାଙ୍କୁ ଶିକ୍ଷାନୁଷ୍ଠାନ ପ୍ରତି ଆକୃଷ୍ଟ କରିବାରେ ସାହାଯ୍ୟ କରୁଛି। କିନ୍ତୁ ସତରେ କଣ ସରକାରଙ୍କ ପଦକ୍ଷେପ ପିଲାଙ୍କ ପାଖରେ ପହଞ୍ଚି ପାରୁଛି ? ବେସରକାରୀ ଶିକ୍ଷାନୁଷ୍ଠାନ ତୁଳନାରେ ସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷା ଆହରଣ କରୁଛନ୍ତି ? ସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଶିକ୍ଷା ପ୍ରଦାନ କରିବା ନିମନ୍ତେ କଣ ଉପଯୁକ୍ତ ଶିକ୍ଷକ ରହିଛନ୍ତି ? ଏଭଳି ଅନେକ ପ୍ରଶ୍ନ ଆଜି ମନକୁ ଆସୁଛି ଓ ତାହା ସମସ୍ତଙ୍କୁ ଏକ ଦ୍ୱନ୍ଦ୍ୱ ଭିତରେ ରଖୁଛି।



ସରକାରୀ ସ୍କୁଲ ବା କଲେଜରେ ପିଲାଙ୍କୁ ପଢ଼ାଇବା ସେମାନଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ କେତେଦୂର ଯଥାର୍ଥ ତାହା ଏବେ ପ୍ରତି ଅଭିଭାବକଙ୍କ ପାଇଁ ପ୍ରଶ୍ନବାଚୀ ସାଜିଛି। ୨୦୨୧-୨୨ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ସର୍ବମୋଟ ସରକାରୀ ସ୍କୁଲ ସଂଖ୍ୟା ରହିଛି ୪୯, ୦୭୨। ସେଥିମଧ୍ୟରୁ ୨୭, ୧୪୫ଟି ପ୍ରାଥମିକ ସ୍କୁଲ୍ ଏବଂ ମାଧ୍ୟମିକ ବିଦ୍ୟାଳୟ କ୍ଷେତ୍ରରେ ଷଷ୍ଠ ରୁ ଦଶମ ଶ୍ରେଣୀ ଥିବା ୧୧୬୬ଟି, ଏକାଦଶ ରୁ ଦ୍ୱାଦଶ ଶ୍ରେଣୀ ଥିବା ୨୯୦ଟି ସରକାରୀ ବିଦ୍ୟାଳୟ ରହିଛି। ଏହାସହିତ ଯଦି ଆମେ ଶିକ୍ଷକଙ୍କ ସଂଖ୍ୟା ଉପରେ ନଜର ପକାଇବା ତେବେ, UDISE+ ରିପୋର୍ଟ ଅନୁଯାୟୀ ରାଜ୍ୟରେ ମୋଟ ୨.୧୧ ଲକ୍ଷ ସ୍କୁଲ ଶିକ୍ଷକ ରହିଛନ୍ତି। ସେଥିମଧ୍ୟରୁ ୬୩୮୯୬ ଜଣ ପ୍ରାଥମିକ ଏବଂ ୧୧୮୪୦ ଜଣ ମାଧ୍ୟମିକ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ନିମନ୍ତେ ୧୧୫୧ ଜଣ ଶିକ୍ଷକ ରହିଛନ୍ତି। ଶିକ୍ଷାମନ୍ତ୍ରାଳୟର ରିପୋର୍ଟ ଅନୁଯାୟୀ ଗୋଟିଏ ସରକାରୀ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ବିଦ୍ୟା ପ୍ରଦାନ ନିମନ୍ତେ ଜଣିଏ ମାତ୍ର ଶିକ୍ଷକ ରହିଛନ୍ତି କିନ୍ତୁ ପ୍ରକୃତରେ ଜଣେ ଶିକ୍ଷକ ଗୋଟିଏ ଶ୍ରେଣୀରେ ୨୭ ଜଣ ପିଲାଙ୍କୁ ପାଠ ପଢ଼ାଇବାର କ୍ଷମତା ରଖିଥାଏ। ତେବେ ଏଥିରୁ ସ୍ପଷ୍ଟ ହେଉଛି କି, ରାଜ୍ୟରେ ସରକାରୀ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିଚାଲିଛି କିନ୍ତୁ ଶିକ୍ଷକଙ୍କ ଅଭାବ ପରିଲକ୍ଷିତ ହେବାରେ ଲାଗିଛି। ଲଗାତାର ଆମେ ଖବର କାଗଜ ହେଉ କି ଟି.ଭିରେ ଦେଖିବାକୁ ପାଉଛେ ଯେ, ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସରକାର ଅନେକ ଗୁଡିଏ ପଦକ୍ଷେପ ନେଉଛନ୍ତି ସି.ଟି ଓ ବି.ଏଡ ଭଳି ପରୀକ୍ଷାମାନ କରାଯାଉଛି। ହଜାର ହଜାର ଯୁବପିଢ଼ି କୃତକାର୍ଯ୍ୟ ହେଉଛନ୍ତି। ନିକଟ ଅତୀତରେ ତତ୍କାଳୀନ ବିଜେଡି ସରକାର ହଜାର ହଜାର ଶିକ୍ଷକ ନିଯୁକ୍ତି କରିବା ସହିତ ଏବେର ନୂଆ ବିଜେପି ସରକାର ମଧ୍ୟ ସେଥିପ୍ରତି ସଜାଗ ରହିଛନ୍ତି। ଅନେକ ଗୁଡିଏ ନୂଆ ଟେକନୋଲଜି ବ୍ୟବହାର କରି ସରକାରୀ ସ୍କୁଲ୍, କଲେଜ୍ ଗୁଡିକୁ ଉନ୍ନତ ମାନର କରାଯାଉଛି। ଏସବୁ ସତ୍ତ୍ୱେ ମଧ୍ୟ ଅଭିଭାବକମାନେ ଆକୃଷ୍ଟ ହେଉଛନ୍ତି ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରତି। ବେସରକାରୀ ଶିକ୍ଷାନୁଷ୍ଠାନ ତୁଳନାରେ ସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକଙ୍କ ପଦବୀ ବହୁମାତ୍ରାରେ ଖାଲି ପଡିଛି। ଏହାର କାରଣ ଅନେକ ବୁଦ୍ଧିଜୀବିଙ୍କ ମତରେ, ବେସରକାରୀ ଶିକ୍ଷାନୁଷ୍ଠାର ପଢାଶୈଳୀ, ଶିକ୍ଷକଙ୍କ ଉତ୍ତମ ଆଚରଣ, ସମୟାନୁବର୍ତ୍ତିତା, ଚାକଚକ୍ୟ ପରିବେଶ, ପିଲାଙ୍କ ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡିକ ଅଭିଭାବକଙ୍କୁ ଅଧିକ ମାତ୍ରାରେ ଆକୃଷ୍ଟ କରୁଛି। ଏହା ତୁଳନାରେ, ସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ସରକାର ନେଉଥିବା ପଦକ୍ଷେପ କେବଳ ଆଖିଦୃଷ୍ଟିଆ ହୋଇ ରହିଯାଉଛି। ନିଷ୍ପତ୍ତି ନେବା ଏବଂ କାର୍ଯ୍ୟକାରୀ କରିବା ଭିତରେ ଅଭିଭାବକମାନେ ସରକାରୀ ଶିକ୍ଷାନୁଷ୍ଠାନରୁ ମୁହଁ ଫେରାଇ ନେଉଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନରେ ଖାଲି ପଡୁଥିବା ଶିକ୍ଷକ ପଦବୀ ମଧ୍ୟ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ବିଦ୍ୟାଳୟ ଠାରୁ ନେଇ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପ୍ରତି ସରକାରୀ ଶିକ୍ଷାନୁଷ୍ଠାନରେ ଖାଲି ଥିବା ପଦବୀ ପୂରଣ ନିମନ୍ତେ ସରକାର ବାହ୍ୟସ୍ରୋତ, ଅତିଥି ଅଧ୍ୟାପକ ଅଥବା ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପରେ ନିର୍ଭର କରନ୍ତି। ରାଜ୍ୟରେ ଏପରି ଅନେକ ବଡ଼ ବଡ଼ ସରକାରୀ ଶିକ୍ଷାନୁଷ୍ଠାନ ରହିଛି ଯାହା କେବଳ ନାମକୁ ମାତ୍ର ପ୍ରସିଦ୍ଧ କିନ୍ତୁ ଶିକ୍ଷକ ଅଭାବରୁ ଅନେକ ଛାତ୍ରଛାତ୍ରୀ ସେଠାରୁ ମୁହଁ ଫେରାଉଛନ୍ତି। ଗୋଟିଏ ରାଜ୍ୟ ତଥା ଦେଶକୁ ଆଗକୁ ବଢାଇବାକୁ ହେଲେ ଶିକ୍ଷା ହିଁ ଏକମାତ୍ର ବିକଳ୍ପ ସାଜିଥାଏ। ସୁତରାଂ ସରକାରଙ୍କୁ ଅନୁରୋଧ ସବୁ ଧ୍ୟାନ ରାଜନୀତି ଉପରେ ନଦେଇ, ରାଜ୍ୟରେ ସରକାରୀ ଶିକ୍ଷକ ପଦବୀ ପୂରଣ କରିବା ଏବଂ ଶିକ୍ଷାର ମାନଦଣ୍ଡକୁ ଉଚ୍ଚସ୍ତରକୁ ନେବାପ୍ରତି ଧ୍ୟାନ ଦିଅନ୍ତୁ।

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

ଭଏସ୍ ଅଫ୍ ଭିକ୍ଟିମ୍ସର ଶୁଭ ଉନ୍ମୋଚନ ଅବସରରେ ଆମର ସମସ୍ତ ପାଠକ ପାଠିକା, ପୃଷ୍ଠପୋଷକ ଓ ଶୁଭେଚ୍ଛୁଙ୍କ ସହଯୋଗ ପାଇଁ ଆମେ କୃତଜ୍ଞ ।



ସମ୍ପାଦକ

FOR EXCLUSIVE WEDDING CARDS

Bandhan
ସୁ-ସମ୍ପର୍କ ଗଢେ

ବନ୍ଧନ
ସୁ-ସମ୍ପର୍କ ଗଢେ

ALL TYPES OF INVITATION CARDS

WE HAVE NO BRANCH
Ph:- 0674-2310196
Mob:- 8260685257

ଏଠାରେ ନିମନ୍ତ୍ରଣ କାର୍ଡ ମିଳେ

ବହୁଭାଷୀ ସାପ୍ତାହିକ ଖବରକାଗଜ 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ଶୁଭ ଉନ୍ମୋଚନ ଉତ୍ସବ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ।

## ସଂ ପା ଦ କୀ ୟ

# କର୍ଜନ୍ ମଣ୍ଡପ

ମନ୍ଦିରମାଳିନୀ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ନିକଟରେ ଦେଖିବାକୁ ମିଳେ ଲିଙ୍ଗରାଜ ଭିଉ ପଏଣ୍ଟ ବା କର୍ଜନ୍ ମଣ୍ଡପ । ଇତିହାସ କୁହେ ୧୮୯୯ ମସିହାରେ ଭାରତର ତତ୍କାଳୀନ ଯୁବ ଭାଇସରାୟ ଲର୍ଡ କର୍ଜନ୍ ଙ୍କୁ ଅଣ ହିନ୍ଦୁ ହିସାବରେ ଲିଙ୍ଗରାଜ ମନ୍ଦିର ଭିତରକୁ ପ୍ରବେଶ କରିବାର ଅନୁମତି ନମିଳିବାରୁ, ତାଙ୍କରି ନିର୍ଦ୍ଦେଶରେ ସେତେବେଳର ଓଡ଼ିଶା ଏବଂ ବିହାର ଉଭୟ ରାଜ୍ୟ ଦାୟିତ୍ୱରେ ଥିବା ଗଭର୍ଣ୍ଣର୍ ହେନେରି ହୁଇଲର୍ ଙ୍କ ତତ୍ତ୍ୱାବଧାନରେ ୧୯୨୫ ମସିହାରେ ମନ୍ଦିରର ଉତ୍ତର ଦ୍ୱାର ନିକଟରେ, ମନ୍ଦିରର ମୂଳ ପ୍ରାଚୀର ଠାରୁ କିଛି ଫୁଟ ବ୍ୟବଧାନରେ ଏହି ମନ୍ଦିର ଭିଉ ପଏଣ୍ଟ୍ ଟାୱାର ଟିକୁ ନିର୍ମାଣ କରାଯାଇଥିଲା । ଭାଇସରାୟ କର୍ଜନ୍ ତାଙ୍କର ଓଡ଼ିଶା ଗସ୍ତ ସମୟରେ ଏହି ମଣ୍ଡପ ଉପରୁ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଓ ମନ୍ଦିର ଭିତରେ ଥିବା କାରୁକାର୍ଯ୍ୟରେ ପରିପୂର୍ଣ୍ଣ ୧୦୮ଟି ଛୋଟ ଓ ବଡ ମନ୍ଦିରକୁ ଦର୍ଶନ କରିଥିଲେ । ସେହିଦିନଠାରୁ ଲୋକେ ଏହାକୁ 'କର୍ଜନ୍ ମଣ୍ଡପ' କହିବା



ଆରମ୍ଭ କଲେ । ଅନେକ ହୁଏତ ଜାଣି ନଥିବେ ଏହା ହେଉଛି ଏକ ପୁରାତନ ମଣ୍ଡପ କେବଳ ଯେଉଁଠାରୁ ମନ୍ଦିର ଭିତରର ସମ୍ପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ମିଳେ । ଏଠାର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟର ଦୃଶ୍ୟ ଦେଖିବା ଅତ୍ୟନ୍ତ ମନୋରମ ହୋଇଥାଏ । ବର୍ତ୍ତମାନର ଯୁବପିଢ଼ିଙ୍କ ନିମନ୍ତେ ରିଲ୍ ବନେଇବା ଓ ଭଲ ଫଟୋ ଉଠାଇବା ନିମନ୍ତେ ଏହା ଏକ ପ୍ରକୃଷ୍ଟ ସ୍ଥାନ । ଆଜିବି ଅଣହିନ୍ଦୁ ମାନେ ଆସିଲେ ନିରାଶ ନହୋଇ ଏହି କର୍ଜନ୍ ମଣ୍ଡପରୁ ମନ୍ଦିର ଦର୍ଶନ କରିଥାନ୍ତି । ତେଣୁ ଲିଙ୍ଗରାଜ ମନ୍ଦିରର କର୍ଜନ୍ ମଣ୍ଡପ ବା ମନ୍ଦିର ଭିଉ ପଏଣ୍ଟ ବିଷୟରେ ସମସ୍ତେ ଜାଣିଥିବା ଉଚିତ । କାରଣ ସମୟ ଅଭାବରୁ ମନ୍ଦିର ଭିତରକୁ ପ୍ରବେଶ ନକରି ଲିଙ୍ଗରାଜ ମନ୍ଦିର ବେଢା ଭିତରର ଦୃଶ୍ୟ ଦେଖିବାକୁ ଏହା ଏକ ସହଜ ମାଧମ ।

ଜ୍ଞାନ ରଞ୍ଜନ ମିଶ୍ର


ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧

ଇମେଲ: voiceofvictimsnews@gmail.com

ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ

ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ


# ବୁଢି'ମା ଓ ମିଛୁଆ-ରାଧୁଆ ଗପ

କୈଳାସ ଚନ୍ଦ୍ର ଶତପଥୀ

୧୯୯୯ ଅକ୍ଟୋବର୍ ୨୯ ତାରିଖ । ପଚିଶି ବର୍ଷ ପୂର୍ବେ ଏହି ଦିନରେ ଆସିଥିଲା ମହାବାତ୍ୟା ବା ସୁପର ସାଇକ୍ଲୋନ୍ । ସେ ସମୟକୁ ମୋ ବୁଢି'ମା ବଞ୍ଚିଥିଲା । ପାଖାପାଖି ନବେ ବର୍ଷ ବୟସ ହୋଇଥିଲେବି ସେ ନିଜ କାମ ନିଜେ କରୁଥିଲା । ମହାବାତ୍ୟାର କରାଳ ବିଭୀଷିକାକୁ ତା ସହିତ ଅନୁଭବିବା ଥିଲା ବଡ ଚମତ୍କାର । ଆଜି ପଚିଶି ବର୍ଷ ପରେ ସେଦିନର କଥା ମନେ ପଡିଲେ ଦେହ ଶୀତେଇ ଉଠୁଛି । କିନ୍ତୁ ସେତେବେଳେ ଦମ୍ଭ ଲାଗୁଥିଲା ନନା (ବାପା) ଓ ବୁଢି'ମା ପାଖରେ ଅଛନ୍ତି ମାନେ କିଛି ଭୟ ନାହିଁ । ସେଦିନ ପ୍ରାୟ ଦିନ ଏଗାରଟାରୁ ଲାଇନ ଚାଲିଗଲା, ବହୁତ ଜୋର୍ ରେ ବର୍ଷା ସହିତ ପବନ ବହୁଥାଏ । ସଂଧ୍ୟାବେଳକୁ କିଟିମିଟିଆ ଅନ୍ଧାର ସହିତ ଅବିରାମ ବର୍ଷା ଓ ପବନ ଚାଲିଥାଏ ।

ପିଠାପୁରସ୍ଥିତ ଆମେ ରହୁଥିବା ଘରେ ସଂଧ୍ୟା ପାଞ୍ଚଟାରୁ ପାଖାପାଖି ଜଙ୍ଘଯାଏଁ ପାଣି । ଘରର କଣପଟ ରୁମ୍ ରେ ବୁଢୀ'ମା, ନନା, ମୁଁ ଓ ମୋ ସାନ ଦୁଇ ଭାଇ ଥିଲୁ । ରୋଷାଇ ଘର ପାଖ ରୁମ୍ ରେ ବଡ ଭାଇ, ଭାଉଜ, ପାଞ୍ଚ ବର୍ଷର ପୁତୁରା ଓ ଆମ ଘରକୁ ବୁଲିଆସି ରହିଯାଇଥିବା ଭାଇର ସାନ ଶାଳୀ ଥିଲେ । ଏତେ ପାଣି ଯେ ଘରର ଗ୍ୟାସ୍ ସିଲିଣ୍ଡର ଓ ଚୁଲା ଇତ୍ୟାଦି ଭାସୁଥାଏ । ଦିନବେଳେ ମଧ୍ୟ ଠିକ୍ ରେ ଖିଆପିଆ ହୋଇ ନଥାଏ । ରାତିରେ ବି ଏମିତି ଚୁଡା, ମୁଢି, ମିକ୍ସର୍, ବିସ୍କୁଟ ଇତ୍ୟାଦି ଖାଇ ରହିଲୁ । ସମୟ ଜମା କଟୁନଥାଏ । ଖଟ ଉପରେ ଗଦିବାଲା ଡବଲ ସୋଫାକୁ ଖୋଲିକି ପକାଇ ତା ଉପରେ ସମସ୍ତେ ବସିଥାଉ । ତଳକୁ ଓହ୍ଲାଇଲେ ପାଣି । ସମୟ କଟିବାର ଅଭିପ୍ରାୟରେ ମୋ ବୁଢି'ମା ବିଭିନ୍ନ କଥା କହୁଥାଏ । ମହାବାତ୍ୟା ର ପାଞ୍ଚ ବର୍ଷ ପରେ ୨୦୦୪ରୁ ଆମ ବୁଢି'ମା ଆମକୁ ଛାଡି ଚାଲିଗଲାଣି ସତ କିନ୍ତୁ ସେଦିନ ତାଠୁ ଶୁଣିଥିବା କଥା ସବୁ ଆଜି ପର୍ଯ୍ୟନ୍ତ ଆମ ପାଇଁ ବିଶେଷ କରି ମୋ ପାଇଁ ବହୁ ଉପାଦେୟ ସାବ୍ୟସ୍ତ ହୋଛି । ସେଦିନ କଥା କ୍ରମରେ ଗାଇଆଳ ପିଲା ମିଛୁଆ ରାଧୁଆ ଗପର ପ୍ରୟୋଗ ବହୁ ବିବିଧତା ସହିତ ସେ ଆମକୁ କହିଥିଲା ।

'ମିଛୁଆ ରାଧୁଆ' ଗପର ଚରିତ୍ର ଓ ପ୍ରସଙ୍ଗ, ଗାଈ ଚରାଇବାକୁ ବଣକୁ ଯାଉଥିବା ଗାଇଆଳ ପିଲା ରାଧୁଆ ଓ ତାର ମିଛ ଉପାଖ୍ୟାନ ଜଣେ ସ୍କୁଲର ପର୍ଯ୍ୟବେକ୍ଷକ (ବାବୁଙ୍କୁ) ଭାରି ଭଲ ଲାଗିଥିଲା । ତେଣୁ ସେ ତା'ଦ୍ୱାରା ଅନୁପ୍ରାଣିତ ନହେବାକୁ ପ୍ରାୟ ଛାତ୍ର-ଛାତ୍ରୀ ମାନଙ୍କୁ କହୁଥିଲେ । ସମସ୍ତଙ୍କୁ ଗପଟି କହିସାରିଲା ପରେ ଜୀବନରେ ମିଛ ନକହି ସତ କହିବାକୁ ପରାମର୍ଶ ମଧ୍ୟ ଦେଉଥିଲେ ।

ଥରେ କୌଣସି ଏକ ସ୍କୁଲରେ ସେ ଗପଟିର ଅବତାରଣା କରିସାରିଲା ପରେ ପିଲା ମାନଙ୍କର ଭିନ୍ନମତ ତାଙ୍କୁ ବହୁ ଆଚମ୍ୱିତ କରିଥିଲା । ପ୍ରଥମେ ଗୋଟିଏ ଶ୍ରେଣୀରେ ଗପଟିକୁ କହିସାରିଲା ପରେ ଜଣେ ପିଲାକୁ ପଚାରିଲେ ଆଚ୍ଛା ବାବୁ ତୁମେ ଏହି ଗପରୁ କଣ ଶିଖିଲ ? ଉତ୍ତରରେ ସେ ଭାବିଥିଲେଯେ ପିଲାଟି ନିଶ୍ଚୟ କହିବ ଜୀବନରେ ସତ କହିବା ନିହାତି ଜରୁରୀ କିନ୍ତୁ ପିଲାଟିର ଉତ୍ତର ତାଙ୍କୁ କେବଳ ବିସ୍ମିତ କଲାନାହିଁ ବରଂ ଅଧିକ ପିଲାଙ୍କର ମତ ନେବାପାଇଁ ଉତ୍ସାହିତ କଲା । ପିଲାଟି ତାଙ୍କୁ କହିଥିଲା ସାର ସେ ଗାଇଆଳ ପିଲା ରାଧୁଆର ବୟସ କେତେ ଥିଲା ? ୧୪ ବର୍ଷରୁ ଅଧିକ ନା କମ୍ ? ଯଦି କମ୍ ତାକୁ ଗାଈ ଚରେଇବାକୁ ପଠେଇଥିବା ଲୋକକୁ ଖୋଜି ବାହାର କରାଯାଉ ଓ ତାକୁ ଶିଶୁ ଶ୍ରମିକ ଆଇନ ଅନୁଯାଇ ଦଣ୍ଡିତ କରାଯାଉ । ଶିକ୍ଷକ ନିଜେ ଚାହୁଁଥିବା ଉତ୍ତରଟି ନପାଇ ଟିକେ ଚିନ୍ତିତ ହେଲେ ଓ ଅନ୍ୟ ଏକ ଶ୍ରେଣୀକୁ ଗଲେ । ସେଠାରେ ପୁଣି ଗପଟିକୁ କହିସାରି ଏହି ଗପରୁ ଆମେ କଣ ଶିଖିଲେ ବୋଲି ଆଉ ଏକ ପିଲାକୁ ପଚାରିଲେ । ତାର ଉତ୍ତର ପର୍ଯ୍ୟବେକ୍ଷକ ଶିକ୍ଷକଙ୍କୁ କେବଳ ଆଶ୍ଚର୍ଯ୍ୟ କଲାନାହିଁ ବରଂ ସେ ବୁଝିଥିବା ଆବଶ୍ୟକତାକୁ ଅନ୍ୟମାନେ ଅଲଗା ଅର୍ଥରେ ଜାଣିଛନ୍ତି ବୋଲି ସୂଚିତ ହେଲା । ସେହି ପିଲାଟିର ଉତ୍ତର ଥିଲା ବେଶ ରୋମାଞ୍ଚକର, ସେ କହିଥିଲା ସାର୍ ପୁରାଣରେ ମୁଁ ଶୁଣିଥିଲି ଯେ ପ୍ରଭୁ ଶ୍ରୀକୃଷ୍ଣ ବଣକୁ ଗାଈ ଚରେଇବାକୁ ଗଲାବେଳେ ତାଙ୍କ ସାଙ୍ଗରେ ବଡ ଭାଇ ପ୍ରଭୁ ବଳରାମ ଯାଉଥିଲେ ତେବେ ଏଠି ରାଧୁଆ ସାଙ୍ଗରେ ଆଉ କାହାକୁ ନେଲାନି କାହିଁକି ? ପ୍ରଶ୍ନର ଉତ୍ତରରେ ଆଉ ଗୋଟିଏ ପ୍ରଶ୍ନ ପାଇ ପର୍ଯ୍ୟବେକ୍ଷକ ଜଣକ ତାଙ୍କ ନିର୍ଦ୍ଦିଷ୍ଟ ଉତ୍ତର ପାଇବା ଆଶାରେ ଆଉ ଏକ ଶ୍ରେଣୀକୁ ପ୍ରବେଶ କଲେ । ସେଠାରେ ଆଉଥରେ ଗପଟିକୁ କହିସାରିଲା ପରେ ପୁଣି ଜଣେ ପିଲାକୁ ଗପରୁ କଣ ଶିଖିଲ ବୋଲି ପଚାରିବାରୁ ତାର ଉତ୍ତର ତାଙ୍କୁ କେବଳ ଭାରାକ୍ରାନ୍ତ କଲାନାହିଁ ବରଂ ସତ ଓ ମିଛର ଦୋଛକି ରେ ଆଣି ଠିଆ କରାଇଦେଲା । ପିଲାଟି କହିଲା ମୋର ମୁଣ୍ଡ ଗୋଳମାଳ ହୋଇ ଯାଉଛି ଆଜ୍ଞା । ଯେତେଯାଏଁ ରାଧୁଆ ମିଛ କହୁଥିଲା ସମସ୍ତେ ତାକୁ ବିଶ୍ୱାସ କରି ସାହାଯ୍ୟ କରିବାକୁ ଦୌଡୁଥିଲେ କିନ୍ତୁ ଯେତେବେଳେ ସେ ସତ କହିଲା କେହିଗଲେ ନାହିଁ । ତେଣୁ ମୁଁ ମୋ ଜୀବନରେ ସତ କହିବି ନା ମିଛ କହିବି ଏଇ ଦ୍ୱନ୍ଦ୍ୱ ରେ ଅଛି, କାରଣ ମିଛରେ ବହୁତ ଲାଭ ଓ ସାହାଯ୍ୟ ମିଳୁଛି । ପର୍ଯ୍ୟବେକ୍ଷକ ଶିକ୍ଷକ ଜଣଙ୍କ ଛାତ୍ର-ଛାତ୍ରୀ ମାନଙ୍କର ଭିନ୍ନ ଭିନ୍ନ ମତରେ ଭାଙ୍ଗିପଡିଲେ ମଧ୍ୟ ଗୋଟିଏ କଥାର ବିଭିନ୍ନ ପ୍ରାସଙ୍ଗିକତା ରହିଛି ବୋଲି ମଧ୍ୟ ଉପଲବ୍ଧି କଲେ ।

ମୋ ବୁଢିମା ଓ ନନା ଆଜି ଆମ ପାଖରେ ନାହାଁନ୍ତି ସତ କିନ୍ତୁ ସେମାନେ କହିଥିବା ଗପ ସବୁ ଜୀବନରେ ବହୁ କାମରେ ଆସୁଛି । ଯେତେବେଳେ କୌଣସି କଥାରେ ଆମମାନଙ୍କ ଭିତରେ ଭିନ୍ନ ମତ ଦେଖା ଦେଉଛି ଆମେମାନେ ସମସ୍ତେ ତାକୁ ସହୃଦୟତାର ସହ ନେବା ଉଚିତ ବୋଲି ମୁଁ ମନେ କରୁଛି ।


*ଆଇନଜୀବୀ ଓଡିଶା*
*ହାଇକୋର୍ଟ, କଟକ-୨*
*ମୋ- ୯୯୩୭୦୧୦୫୭୧*


## ଉତ୍ପନ୍ନା ଏକାଦଶୀ

# ଏକାଦଶୀ ଉପବାସ ମାହାତ୍ମ୍ୟ : ୧

ସିଦ୍ଧାର୍ଥ ମହାପାତ୍ର

ପାଣ୍ଡବ ମାନଙ୍କ ବନବାସ ସମୟରେ ପ୍ରଭୁ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ଏକାଦଶୀ ବ୍ରତ ବିଷୟରେ ଅବଗତ କରାଇଥିଲେ । ଶ୍ରୀକୃଷ୍ଣଙ୍କ କଥା ଅନୁସାରେ ଶୁଦ୍ଧ ମନ ରେ ନିୟମ ସହିତ ଏକାଦଶୀ ପାଳନ କରୁଥିବା ବ୍ୟକ୍ତି ସମସ୍ତ ପାପ ରୁ ମୁକ୍ତି ପାଇ ବୈକୁଣ୍ଠ ଲୋକ ରେ ସ୍ଥାନ ପାଏ । ଗୋଟିଏ ମାସ ରେ ଦୁଇଟି ହିସାବ ରେ ବର୍ଷକରେ ୨୪ଟି ଏକାଦଶୀ ଥାଏ ।ଏକାଦଶୀ ବ୍ରତଧାରୀ ସେହି ଦିନ ଅନ୍ନ ତ୍ୟାଗ କରି ଉପବାସ ରେ ରହିବା ଉଚିତ । ଉପବାସ ନ କରି ପାରିଲେ ଫଳ ଏବଂ କ୍ଷୀର ଗ୍ରହଣ କରିପାରିବେ ।ଗର୍ଭବତୀ, ବୃଦ୍ଧ, ବାଳକ ଏବଂ ରୋଗୀ ଏକାଦଶୀ ବ୍ରତ କରିବା ନିଷେଧ ।ମାର୍ଗଶିର ମାସ କୃଷ୍ଣ ପକ୍ଷ ଏକାଦଶୀ ( ଉତ୍ପନ୍ନା ଏକାଦଶୀ )କୁ ପ୍ରଥମ ଏକାଦଶୀ ହିସାବ ରେ ଗଣା ଯାଏ । ଉତ୍ପନ୍ନା ଏକାଦଶୀ ମାର୍ଗଶିର ମାସ କୃଷ୍ଣ ପକ୍ଷରେ ପଡିଥାଏ । ସତ୍ୟ ଯୁଗରେ ନାଡ଼ା ଜଗ ନାମରେ ଏକ ଅସୁର ର ପୁତ୍ର ମୁର ଭୟଙ୍କର ବଳଶାଳୀ ଥିଲା । ଏକଦା ସେ ଦେବତାମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ସ୍ୱର୍ଗରୁ ତଡିଦେଲା । ସମଗ୍ର ଦେବତାଗଣ ପୃଥିବୀ ପୃଷ୍ଠରେ ଅତି କଷ୍ଟରେ କାଳାତିପାତ କଲେ । ସମୟକ୍ରମେ ଭଗବାନ ବିଷ୍ଣୁଙ୍କୁ ସାକ୍ଷାତ କରି ନିଜ ଦୁର୍ଦ୍ଦଶା ବିଷୟରେ କହିବାରୁ, ଭଗବାନ ତାଙ୍କ ସାଙ୍ଗରେ ମୁର ଦୈତ୍ୟ ସଙ୍ଗେ ଲଢିବାର ପ୍ରତିଶ୍ରୁତି ଦେଲେ । ଦେବତା ଏବଂ ଅସୁରଙ୍କ ଯୁଦ୍ଧରେ ଦେବତା ମାନେ ପରାହତ ହେଲା ପରେ ଭଗବାନ ବିଷ୍ଣୁ ଯୁଦ୍ଧ ରେ ଅବତୀର୍ଣ୍ଣ ହେଲେ । ଭଗବାନ ସବୁ ଅସୁରଙ୍କୁ ସଂହାର କରିଲେ,କିନ୍ତୁ ମୁର ଦୈତ୍ୟ ର ମୁଣ୍ଡ କାଟ କରିପାରିଲେ ନାହିଁ । ବହୁ ବର୍ଷ ଯୁଦ୍ଧ କଲାପରେ ଭଗବାନ ବିଶ୍ରାମର ଇଛା କରି ବଦ୍ରିକାଶ୍ରମ ପାଖ ହେମବତି ଗୁହାରେ ଆଶ୍ରୟ ନେଲେ । ମୁର ଦୈତ୍ୟ ଭଗବାନଙ୍କୁ ଶାୟିତ ଅବସ୍ଥାରେ ହତ୍ୟା କରିବାକୁ ଆସିବା ସମୟରେ, ତାଙ୍କ ଦେହରୁ ଏକ ଦିବ୍ୟ କନ୍ୟା ଉତ୍ପତ୍ତି ହେଲା, ସେ ମଲ୍ଲ ଯୁଦ୍ଧ କରି ମୁର ଦୈତ୍ୟକୁ ପରାସ୍ତ କଲା ଏବଂ ତାର ମସ୍ତକ ଛିନ୍ନ ମଧ୍ୟ କଲା । ଭଗବାନ ଜାଗ୍ରତ ହେବା ପରେ ସେଇ ଦିବ୍ୟ କନ୍ୟାଙ୍କୁ ଖୁସିରେ ବରଦାନ କରିବାକୁ ଇଚ୍ଛା କଲେ । ସେଇ ଦିବ୍ୟ କନ୍ୟାଙ୍କର ଏକାଦଶୀ ତିଥିରେ ଉତ୍ପତ୍ତି ହେଇଥିଲା । ଏବଂ ସେ ଦିବ୍ୟ କନ୍ୟାଙ୍କ ଅନୁରୋଧରେ ଓ ଭଗବାନ ବିଷ୍ଣୁଙ୍କ ବରଦାନରେ ସେହି ଏକାଦଶୀ ର ନାମ ଉତ୍ପନ୍ନା ଏକାଦଶୀ ରହିଲା । ନିଷ୍ଠାର ସହିତ ଏହି ଏକାଦଶୀ ବ୍ରତ ପାଳନ କରିଥିବା ବ୍ୟକ୍ତି ଧନ ଧାନ୍ୟ ଅଭାବ ରହିବ ନାହିଁ ଏବଂ ସେ ବୈକୁଣ୍ଠଲୋକରେ ସ୍ଥାନ ପାଇବ । ଉତ୍ପନ୍ନା ଏକାଦଶୀରେ ବ୍ରତଧାରୀ ଗୁଡ଼ ଏବଂ ବାଦାମ ର ପ୍ରସାଦ ଗ୍ରହଣ କରିପାରିବେ । ଏକାଦଶୀ ପାଳନ ସହିତ କଥନ ଓ ଶ୍ରବଣରେ ମଧ୍ୟ ସମାନ ପୂଣ୍ୟ ଅର୍ଜନ ହୋଇଥାଏ ।


*ବକ୍ସିବଜାର ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*

# ପାଲ ତଳେ ମୁଁ



## ଦୁର୍ଗେଶ ପ୍ରସାଦ ମିଶ୍ର

୧୯୯୯ ମସିହା ଅକ୍ଟୋବର ୨୯ ତାରିଖର ମହାବାତ୍ୟା ଯାହା ଓଡ଼ିଶା ଉପକୁଳର ପାରାଦୀପ ରେ ସ୍ଥଳଭାଗ ଛୁଇଁ ଥିଲା ତାହା ଥିଲା ଓଡ଼ିଆ ବାସୀ ମାନଙ୍କ ପାଇଁ ଏକ ନୂଆ ଅନୁଭୂତି। ଏହି ବାତ୍ୟାର ତାଣ୍ଡବ ଏତେ ଭୟଙ୍କର ଥିଲା ଯେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ , ଯାଜପୁର ଓ ପୁରୀ ତଥା ଖୋର୍ଦ୍ଧା ଜିଲ୍ଲାରେ ନାହିଁ ନଥିବା କ୍ଷୟକ୍ଷତି ହୋଇଥିଲା, ସେତେବେଳର ସରକାର ଓ ଜନସାଧାରଣଙ୍କ ଅନୁମାନ ରୁ ଯଥେଷ୍ଟ ଅଧିକା ଭୟାଭୟ ଥିଲା ଏହି ମହାବାତ୍ୟା। ସରକାରୀ ଆକଳନ ଅନୁଯାୟୀ ପ୍ରାୟ ଦଶହଜାରରୁ ଅଧିକା ଲୋକ ଓ ଲକ୍ଷ ଲକ୍ଷ ପଶୁପକ୍ଷୀ ମୃତ୍ୟୁ ବରଣ କରିଥିବା ବେଳେ ହଜାର ହଜାର ଘର ଭାଙ୍ଗି ମାଟିରେ ମିଶି ଯାଇଥିଲା। ଏରସମା ଅଞ୍ଚଳର ଅନେକ ଗାଁର ଚିହ୍ନବର୍ଣ୍ଣ ଉଡ଼ି ଯାଇଥିଲା ଏହି ବାତ୍ୟା ଯୋଗୁଁ। ଦୋହୋଲି ଯାଇଥିଲା ଓଡ଼ିଶାର ସାମାଜିକ ତଥା ଅର୍ଥନୈତିକ ପରିସ୍ଥିତି। ସେହି ଲୋମହର୍ଷଣକାରୀ ବାତ୍ୟାର ପ୍ରଭାବ ଏତେ ଅଧିକ ଥିଲା ଯେ ଆଜି ବି ପ୍ରପୀଡ଼ିତ ଲୋକ ମାନଙ୍କର ସେ କଥା ମନେ ପଡିଲେ ସେମାନେ ଭୟରେ ଶିହିରୀ ଉଠନ୍ତି। ସେହି ବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ଆଜି ପର୍ଯ୍ୟନ୍ତ ମଧ ଭରଣା ହୋଇ ପାରିନାହିଁ। ସେତେବେଳେ ଆଜି ଭଳି ବ୍ୟାପକ ବୈଦୁତିକ ଓ ସାମାଜିକ ଗଣମାଧ୍ୟମର ସୁବିଧା ନଥିବା ହେତୁ ଜନସାଧାରଣଙ୍କୁ ସଚେତନ କରାଇବା ଏତେଟା ସହଜ ନଥିଲା, ଯାହାଫଳରେ ୯୯ ମସିହାର କରାଳ କବଳରୁ ବଞ୍ଚେଇ ବାରେ ସକ୍ଷମ ହୋଇ ପାରିନଥିଲା ପ୍ରଶାସନ। ଏହି ମହାବାତ୍ୟା ର କିଛି ମାସ ପରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନରେ ଶାସନକୁ ଆସିଥିଲା ବିଜୁ ଜନତା ଦଳ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ। ନବୀନବାବୁ ଶାସନକୁ ଆସିବା ପରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଥିବ ଓଡ଼ିଶା ଭଳି ରାଜ୍ୟର ବିପର୍ଯ୍ୟୟ ପ୍ରଶମନ ର ଭିତ୍ତିଭୂମି ସଜାଡ଼ିବା ଉପରେ କାମ ଆରମ୍ଭ କରିଥିଲେ। ବିଶେଷ କରି ବିପର୍ଯ୍ୟୟ ସମୟରେ ଧନଜୀବନ କିଭଳି ସୁରକ୍ଷିତ ରଖା ଯାଇ ପାରିବ ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ମାନ ନିଆଯାଇଥିଲା। ବାତ୍ୟା ତଥା ବନ୍ୟା ପ୍ରବଣ ଅଞ୍ଚଳରେ ଆଶ୍ରୟସ୍ଥଳୀ ନିର୍ମାଣକୁ ପ୍ରାଥମିକତା ଦିଆଯାଇ ଅନେକ ଆଶ୍ରୟସ୍ଥଳୀ ତିଆରି କରାଗଲା, ତଥା ଏହି ସବୁ ଅଘଟଣ ଘଟିବା ପରେ ଏହାକୁ ସାମ୍ନା କରିବା ପାଇଁ ପୂର୍ବପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆ ଯିବା ଆରମ୍ଭ ହେଲା।

ମହାବାତ୍ୟାର ଚଉଦ ବର୍ଷପରେ ୨୦୧୩ ମସିହାର ସେହି ଅକ୍ଟୋବର ୧୨ ତାରିଖ ଦିନ ଓଡ଼ିଶା ଉପକୁଳର ଚିଲିକା ହ୍ରଦର





ପାଖାପାଖି ସ୍ଥଳଭାଗ ଛୁଇଁଥିଲା ଫାଇଲିନ୍ ବାତ୍ୟା, ଯାହା ମଧ ଗଞ୍ଜାମ, ପୁରୀ, ଗଜପତି ଓ ଖୋର୍ଦ୍ଧା ଜିଲ୍ଲାରେ ବିଶେଷ କରି କଚ୍ଚା ଘର, ଫସଲ ଓ ଯୋଗାଯୋଗ ଓ ବିଦ୍ୟୁତ ବ୍ୟବସ୍ଥାର ବ୍ୟାପକ କ୍ଷୟକ୍ଷତି କରିଥିଲା। କିନ୍ତୁ ପୂର୍ବ ଅଭିଜ୍ଞତାକୁ ପାଥେୟ କରି ସରକାର ଏହାର ମୁକାବିଲା ପାଇଁ ନେଇଥିବା ପଦକ୍ଷେପ ଯୋଗୁଁ ଲୋକମାନଙ୍କ ଜୀବନ ରକ୍ଷା କରା ଯାଇ ପାରିଥିଲା। ଏହି ଫାଇଲିନ ରେ ପ୍ରାୟ ଦଶଲକ୍ଷ ଲୋକଙ୍କୁ ସ୍ଥାନାନ୍ତରଣ କରାଯାଇ ସୁରକ୍ଷିତ ସ୍ଥାନରେ ରଖା ଯାଇଥିବା ସେତେବେଳର ସରକାର ବିଜ୍ଞପ୍ତି ମାଧ୍ୟମରେ ଜଣାଇଥିଲେ।

ସେହିଭଳି ହୁଡହୁଡ, ତିତିଲି, ଆମ୍ଫାନ୍ ପ୍ରଭୃତି ମଧ୍ୟମ ଧରଣର ବାତ୍ୟା ଫାଇଲିନ ପରେ ଓଡ଼ିଶା ଉପକୂଳରେ ତାର ପ୍ରଭାବ ଦେଖାଇଥିବା ବେଳେ ୨୦୧୯ ମେ ମାସ ୩ ତାରିଖରେ ପୁରୀ ବାଲୁଖଣ୍ଡ ରେ ସ୍ଥଳଭାଗ ଛୁଇଁ ଥିବା ବାତ୍ୟା ଫନୀ ଯେଉଁ ତାଣ୍ଡବ ରଚିଥିଲା ତାହା କଳ୍ପନାତୀତ ଥିଲା, ପୁରୀ ଜିଲ୍ଲାର ବ୍ରହ୍ମଗିରି, ପୁରୀ ସଦର, ସତ୍ୟବାଦୀ, ନିମାପଡ଼ା କାକଟପୁର, ପିପିଲି ତଥା ଖୋର୍ଦ୍ଧା ଜିଲ୍ଲାରେ ଫନୀ ପ୍ରଭାବରେ ଯେଉଁ କ୍ଷୟକ୍ଷତି ହୋଇଥିଲା ତାହା ଅପୂରଣୀୟ।

ମାଟିରେ ମିଶି ଯାଇଥିଲା ହଜାର ହଜାର ଘର, ଗୁହାଳ, ବିଦ୍ୟାଳୟ ତଥା ଅନେକ ଦେବାଳୟ। ଲକ୍ଷ ଲକ୍ଷ ନଡ଼ିଆ, ଆମ୍ବ, ପଣସ, ପୋଲାଙ୍ଗ ତଥା ବଡ଼ବଡ଼ ଗଛ ମାଟିରେ ଶୋଇପଡିବା ସହ ଯୋଗାଯୋଗ ଓ ବିଦ୍ୟୁତ ବ୍ୟବସ୍ଥାର ଭିତ୍ତିଭୂମି ସମ୍ପୂର୍ଣ୍ଣ ଧ୍ୱଂସ ପାଇ ଯାଇଥିଲା। ଶ୍ରୀହୀନ ହୋଇ ଯାଇଥିଲା ସମ୍ପୃକ୍ତ ଅଞ୍ଚଳ ମାନଙ୍କର ରୂପରେଖ। ବାସ୍ତୁହରା ହୋଇ ଯାଇଥିଲେ ଥିଲା ନଥିଲା ସମସ୍ତେ, କାହାର ଘର ମାଟିରେ ମିଶି ଯାଇଥିବା ବେଳେ କାହାର ହରାଭରା ବାଡି ? ବଗିଚା ନିମିଷକେ ଧ୍ୱଂସ ହୋଇଯାଇଥିଲା। ଦୀର୍ଘ ଚାରିମାସ ସମୟ ଲାଗିଥିଲା ଯୋଗାଯୋଗ ଓ ବିଦ୍ୟୁତ ଭିତ୍ତିଭୂମିକୁ ପୁଣିଥରେ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ। ଏହି ସବୁ ପ୍ରାକୃତିକ ବିପର୍ଯ୍ୟୟ ପରେ ପରେ ସବୁଥର ପରି ସରକାରଙ୍କ ଉଦ୍ୟମ ଆରମ୍ଭ ହୁଏ, କ୍ଷୟକ୍ଷତିର ଆକଳନ କରି ପିଡୀତ ପରିବାରଙ୍କୁ କିଛି କିଛି କ୍ଷତିପୂରଣ ଦେବାପାଇଁ।

ଗତ ଫନୀରେ ଅଙ୍ଗେ ନିଭାଇଥିବା କଥା ମୁଁ ଉଲ୍ଲେଖ କରିବା ପାଇଁ ଚାହିଁବି, ଫନୀର ଧ୍ୱଂସ ଲୀଳା ପରେ ରାଜ୍ୟସରକାରଙ୍କ ତରଫରୁ ଆରମ୍ଭ ହୋଇଥଲା କ୍ଷୟକ୍ଷତିର ଆକଳନ, ଘୋଷଣା କରାଯାଇଥିଲା ଅନୁଦାନର ପରିମାଣ। ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିବା କଚ୍ଚା ଘର ପାଇଁ ୯୫୦୦୦, ଆଂଶିକ କ୍ଷତି ପାଇଁ ୫୨୦୦/- ଓ ପକ୍କାଘର ମରାମତି ପାଇଁ ୩୨୦୦/- ଟଙ୍କା ଘୋଷଣା କରାଯାଇଥିଲା। ସେହିପରି ନଡିଆଗଛ ଭଙ୍ଗା ଟଙ୍କା ବାବଦରେ ସର୍ବାଧିକ ୧୨୦୦୦/- ମିଳିବାର ବ୍ୟବସ୍ଥା କରାଯାଇଥିଲା। କ୍ଷତିପୂରଣ ଯାହା ମିଳୁ, ଏହା ନିରପେକ୍ଷ ତଦନ୍ତର ଆଧାରରେ ବର୍ଣ୍ଟନ ହେବା ଉଚିତ୍ କିନ୍ତୁ ଏଠି ବି ଆରମ୍ଭ ହୋଇଥିଲା ରାଜନୀତି, ଦଳୀୟ ବା ବ୍ୟକ୍ତିଗତ ସମ୍ପର୍କର ଆଧାରରେ ଶାସକ ଦଳର ନିୟନ୍ତ୍ରଣରେ ବର୍ଣ୍ଟନ କରାଯାଇଥିଲା ଏହି କ୍ଷତିପୂରଣ ଫଳତଃ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇ ଯାଇଥିଲେ ଶତାଧିକ ପ୍ରକୃତ ହିତାଧିକାରୀ। ପିଡୀତ ଲୋକମାନେ ସଂଗଠିତ ହୋଇ ଆନ୍ଦୋଳନ କରିଥିଲେ, ଦୀର୍ଘଦିନ ଧରି ଆନ୍ଦୋଳନ ପରେ ମଧ ସେମାନେ ପାଇନଥିଲେ ତାଙ୍କ ନ୍ୟାର୍ଯ୍ୟ ଅଧିକାର। ସରକାରୀ କଳ ଶୁଣିନଥିଲା ସେମାନଙ୍କ ବିକଳ ନିବେଦନ। ଏପରିକି ନ୍ୟାୟାଳୟର ନିର୍ଦ୍ଦେଶକୁ ମଧ ଅଣଦେଖା କରିଥିଲେ ପଦାଧିକାରୀ ମାନେ। ଆଜି ବି କର୍ମକୁ ଆଦରି ଭଙ୍ଗା ଘରେ ପଡିରହିଛନ୍ତି ସେହି ହତଭାଗ୍ୟ ମାନଙ୍କ ଭିତରୁ ଅନେକ। ସେମାନଙ୍କ ପାଇଁ ଦୁର୍ଭାଗ୍ୟ ଏହା ଯେ ପ୍ରତିବର୍ଷ ଓଡ଼ିଶା ଉପକୁଳ ଦେଇ ଏକାଧିକ ବାତ୍ୟାର ଭୟ ରହୁଛି ଓ ସେମାନଙ୍କୁ ଭଙ୍ଗାଘର ଛାଡ଼ି ଆଶ୍ରୟ ନେବାକୁ ପଡୁଛି ଆଶ୍ରୟସ୍ଥଳୀ ରେ। ଏଇ ନିକଟରେ ବାତ୍ୟା ଦାନା ଓଡ଼ିଶା ମୁହାଁ ହୋଇଥିଲା, ସାରା ଉପକୁଳ ଓଡ଼ିଶାକୁ ସତର୍କ ସୂଚନା ଦିଆହେଲା ପରେ କିଛି ସେହିଭଳି ଲୋକମାନଙ୍କର ଅବସ୍ଥା ବୁଝିବା ପାଇଁ ଯିବା ଭିତରେ ଏକ ବିକଳ ଅନୁଭୂତି ସାଉଁଟି ଫେରି ଥିଲି, ନିରୁପାୟ ମଣିଷଟି କେବଳ ନିଜ ପରିବାରର ଜୀବନ ବଞ୍ଚାଇବା କଥା ଭାବୁଥିଲା। ଲୁହ ଛଳଛଳ ଆଖିରେ ପାଲଢଙ୍କା ଘରେ ବସି ନିଜ ଭାଗ୍ୟକୁ ନିନ୍ଦିବା ଛଡ଼ା ତା ପାଖରେ କିଛି ଉପାୟ ହିଁ ନଥିଲା। ଏଇଠି କଥା ଉଠୁଛି ସରକାର ଆବାସ କାହାକୁ ଦେଉଛନ୍ତି, କିଏ ତାର ଲାଭ ନେଉଛି ? ମୋର ଯେତିକି ଧାରଣା ସରକାରଙ୍କ ତୃଟିପୂର୍ଣ୍ଣ ନିଷ୍ପତି, ରାଜନୈତିକ ପକ୍ଷପାତିତା ଉପଯୁକ୍ତ ହିତାଧିକାରୀ କୁ ଘରଟିଏ ତିଆରି କରିବା ପାଇଁ ମିଳୁଥିବା ସାହାଯ୍ୟ ରୁ ବଞ୍ଚିତ କରୁଛି। ଏହି ପରିପ୍ରେକ୍ଷୀରେ ମୁଁ ସରକାରୀକଳ ପାଖରେ ଦାବି କରିବି ଆମ ରାଜ୍ୟ ପରି ଏକ ବାତ୍ୟା ପ୍ରବଣ ଅଞ୍ଚଳରେ ପ୍ରତ୍ୟେକ ପରିବାର ମୁଣ୍ଡଉପରେ ଏକ ଛାତଘରର ଆବଶ୍ୟକତାକୁ ପ୍ରାଥମିକତା ଦେଇ ନିରପେକ୍ଷ ଭାବରେ ତଦନ୍ତ କରାଇ ଗରିବ ଓ ଭୂମିହୀନଙ୍କୁ ଛାତଘରଟିଏ ଯୋଗାଇ ଦେବାପାଇଁ ନିଷ୍ଠାପର ଉଦ୍ୟମ କରନ୍ତୁ।

ଏଠି ଯେପରି କେହି ନକହୁ 'ପାଲ ତଳେ ମୁଁ'।

ରାୟଚକ୍ରଧରପୁର
ସତ୍ୟବାଦୀ, ପୁରୀ।
ମୋ- ୮୦୧୮୦୪୭୮୭୫

# ଗୋପବନ୍ଧୁଙ୍କ ପାଇଁ

ପୁରୀ : ପୁରୀ ସହରରେ ଅଜୁ ଭାଇନା କହିଲେ ଜଣଙ୍କ ମୁହଁ ସ୍ୱତଃ ସାମ୍ନାକୁ ଆସିଯାଏ, ସିଏ ହେଉଛନ୍ତି ଶ୍ରୀ ଚନ୍ଦ୍ରଶେଖର ମିଶ୍ର ବା ଅଜୁ ମିଶ୍ର ।

କିଏ ଡାକୁ ନଡାକୁ ଯଦି କେଉଁ ପିଡୀତଙ୍କ ପୀଡ଼ା ତାଙ୍କ ଆଖିରେ ପଡ଼ିଯାଏ ତ ସିଏ ସେହି ପିଡୀତ ପଛରେ ପଡିଯିବା ନିଶ୍ଚିତ। ତାର ପୀଡ଼ା ଦୁର କରିବାକୁ ଯେତେ ଫିକର କରିବାକୁ ପଡୁ ସିଏ କରିବେ । ଅନ୍ୟର ବେଦନାକୁ ନିଜ ବେଦନା ଭାବୁଥିବା ଏହି ନିଃସ୍ୱାର୍ଥପର ସମାଜ ପ୍ରେମୀ ମଣିଷ ଟି ସମସ୍ତଙ୍କୁ ନିଜର କରିଦେବାର ସ୍ୱତନ୍ତ୍ର କ୍ଷମତାର ଅଧିକାରୀ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ନିଜର ଗୁରୁଦେବ ମାନି ତାଙ୍କରି ଆଦର୍ଶବୋଧର ଭିତ୍ତିରେ ସାହିଭାଇ ପରି ଏକ ସାମାଜିକ ଅନୁଷ୍ଠାନ କରି ରୋଗୀସେବା, ପରିବେଶ ସୁରକ୍ଷା, ଶବସଂସ୍କାର ଓ ଗୋସୁରକ୍ଷା ପରି ମହତ କାର୍ଯ୍ୟରେ ନିଜକୁ ସମର୍ପିତ କରି ସାରିଥିବା ଅଜୁ ଭାଇନା ଅନେକ ସାମାଜିକ ଅନୁଷ୍ଠାନର ସେବାକାର୍ଯ୍ୟ ସହ ପ୍ରତ୍ୟକ୍ଷ ବା ପରୋକ୍ଷରେ ଜଡିତ। ଏହି କାର୍ଯ୍ୟ ପାଇଁ ଅନେକ କିଛି ବଳିଦାନ ଦେଇ ସାରିଥିବା ଏହି ମୁହଁରେ କିନ୍ତୁ ସବୁବେଳେ ଏକ ଖାଣ୍ଟି ପୁରୀଆ ହସ ଆପଣ ଦେଖିପାରିବେ।

ଭଏସ୍ ଅଫ୍ ଭିକ୍ଟିମ୍ସ ଶ୍ରୀ ଚନ୍ଦ୍ରଶେଖର ମିଶ୍ର ବା ଅଜୁ ଭାଇନାଙ୍କୁ ତାଙ୍କର 'ଗୋପବନ୍ଧୁଙ୍କ ପାଇଁ' ଶୀର୍ଷକରେ ସ୍ଥାନିତ କରି ତାଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରୁଛି।



ଅଭିନନ୍ଦନ

'ଭଏସ୍ ଅଫ୍ ଭିକ୍ଟିମ୍ସ'ର ଶୁଭ ଉନ୍ମୋଚନ ଉତ୍ସବ ଅବସରରେ ଅନେକ ଅନେକ ଶୁଭେଚ୍ଛା ।





Dr. R P Pradhan
BHMS, MD (HOM), SCPH
Ekamrashree Awardee 2016
Dr. Pradhan's Homeopathy clinic
Mahatab Road, Old Town, Bhubaneswar
Mob-+91 9776745567/8249992020/+91 9437000458

# କେତେ ସ୍ମାର୍ଟ ଆମ ଭୁବନେଶ୍ୱର !



ଶତ୍ରୁଜିତ୍

"ଆମେ ଭୁବନେଶ୍ୱରକୁ ସତରେ ଏକ ସ୍ମାର୍ଟସିଟି ବୋଲି କହିପାରିବା କି ? ମହାନଗର ବାସିନ୍ଦାମାନେ ମୌଳିକ ସୁବିଧାସୁଯୋଗ ପାଉଛନ୍ତି ତ ?"- ଏ ପ୍ରଶ୍ନ କୌଣସି ସାଧାରଣ ଲୋକର ନୁହେଁ। ଏ ପ୍ରଶ୍ନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗତ ଅଗଷ୍ଟ ୩୧ ତାରିଖ ଦିନ ଭୁବନେଶ୍ୱରର ଲୋକସେବା ଭବନ ପରିସରରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ସମାରୋହରେ ଉଦ୍‌ବୋଧନ ଦେଇ ଏଇ ପ୍ରଶ୍ନ ପଚାରିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ସେହି ସମାରୋହରେ କହିଥିଲେ, "ଅସରାଏ ବର୍ଷା ହେଲେ ରାଜଧାନୀ ବୁଡ଼ିଯାଉଛି। ଡ୍ରେନରେ ଭାସି ଜୀବନ ଯାଉଛି। ପରିମଳ କ୧ଥା ନକହିଲେ ଭଲ।"

ଦୀର୍ଘ ୨୪ ବର୍ଷର ବିଜେଡି ଶାସନର ଅବସାନ ଘଟାଇ ବିଜେପି କ୍ଷମତାସୀନ ହେବାପରେ ଦଳର ଅନ୍ୟତମ ବରିଷ୍ଠ ନେତା ତଥା ବିଧାୟକ ଭାବେ ଅଭିଜ୍ଞ ହୋଇସାରିଥିବା ଶ୍ରୀଯୁକ୍ତ ମାଝୀ ମାତ୍ର ଅଳ୍ପ କିଛିମାସ ତଳେ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ଭୁବନେଶ୍ୱରର ଦୟନୀୟ ସ୍ଥିତି ସମ୍ପର୍କରେ ଏଭଳି ମନ୍ତବ୍ୟ ଦେଇପାରିଥିଲେ। ନଚେତ୍ କୌଣସି ମୁଖ୍ୟମନ୍ତ୍ରୀ କ'ଣ ସତରେ ଏମିତି ସ୍ୱୀକାର କରିପାରିଥାନ୍ତେ ? ପାଠକମାନଙ୍କର ମନେଥିବ, ଯେତେବେଳେ ଭାରତ ସରକାର ୨୦୧୬ ମସିହାରେ ସ୍ମାର୍ଟସିଟି ଯୋଜନାରେ ଭୁବନେଶ୍ୱରକୁ ସାମିଲ କଲେ, ସେତେବେଳେ ସହରବାସୀଙ୍କ ମନରେ ଅନେକ ଆଶାଆକାଂକ୍ଷା ସୃଷ୍ଟି ହୋଇଥିଲା। ସହର ପାଇଁ ଅନେକ ପ୍ରକଳ୍ପ ଆସିଲା। ରାଜ୍ୟ ସରକାର 'ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍' ନାମରେ ଏକ ସ୍ପେଶାଲ ପର୍ପଜ ଭେହିକଲ୍ (ଏସପିଭି) ଗଠନ କରି କାମ ଆରମ୍ଭ କଲେ। ଏବେ ସଂସଦର ଗତ ବଜେଟ୍ ଅଧିବେଶନରେ ଲୋକସଭାରେ ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ବିଭାଗ ପକ୍ଷରୁ ଦାଖଲ ହୋଇଥିବା ତଥ୍ୟ ଅନୁସାରେ ଭୁବନେଶ୍ୱର ପାଇଁ ୨,୦୭୧ କୋଟି ଟଙ୍କା ମୂଲ୍ୟର ମୋଟ୍ ୩୨ଟି ପ୍ରକଳ୍ପ ଦିଆଯାଇଥିବା ବେଳେ ସେଥିମଧ୍ୟରୁ ୨,୦୫୯.୫୯କୋଟି ଟଙ୍କାର ୩୧ଟି ପ୍ରକଳ୍ପ କାମ ଶେଷ ହୋଇଛି। ଅର୍ଥାତ୍ ମାତ୍ର ଗୋଟିଏ ପ୍ରକଳ୍ପ କାମ ଗତ ଅଗଷ୍ଟ ମାସ ସୁଦ୍ଧା ସରିନଥିଲା। ଭୁବନେଶ୍ୱର ବାହାରେ ରହୁଥିବା କୌଣସି ବ୍ୟକ୍ତି ଏହି ତଥ୍ୟ ଦେଖିଲେ, ଭାବୁଥିବେ ଭୁବନେଶ୍ୱର ପୂରାପୂରି ସ୍ମାର୍ଟସିଟି ହୋଇଯାଇଥିବ। କିନ୍ତୁ ପ୍ରକୃତ ଅବସ୍ଥା କ'ଣ ତାହା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକାରୋକ୍ତି ଏବଂ ଭୁବନେଶ୍ୱର ବାସିନ୍ଦାଙ୍କ ଅନୁଭୂତି କହୁଛି।

ଏବେ ଆମେ ଟିକିଏ ନୂଆ ରାଜଧାନୀ ଭୁବନେଶ୍ୱରର ଇତିହାସକୁ ଦେଖିବା। ଭୁବନେଶ୍ୱରକୁ ଓଡ଼ିଶାର ନୂଆ ରାଜଧାନୀ ଭାବେ ଗଢ଼ିବା ପାଇଁ ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଶିଳାନ୍ୟାସ କରିଥିଲେ। ସେ ସମୟରେ ଭୁବନେଶ୍ୱରର ପ୍ରାକୃତିକ ସୌନ୍ଦର୍ଯ୍ୟରେ ପଣ୍ଡିତ ନେହରୁ ଏତେ ବିମୋହିତ ଓ ବିହ୍ୱଳିତ ହୋଇପଡ଼ିଥିଲେ ଯେ, ନୂଆଦିଲ୍ଲୀ ଫେରିଯିବା ପରେ ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ନିକଟକୁ ଏକ ପତ୍ର ଲେଖି ଭୁବନେଶ୍ୱରର ବିକାଶ ପ୍ରକୃତିର କୋଳରେ ହିଁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଅଥଚ ଆଜି ଭୁବନେଶ୍ୱରର ପ୍ରାକୃତିକ ପରିବେଶକୁ କେତେ ମାତ୍ରାରେ ଯେ ନଷ୍ଟ କରିଦିଆଯାଇଛି, ସେକଥା କହିବା ଅନାବଶ୍ୟକ। ଏବେ ସହରର କେନ୍ଦ୍ର ଭାଗରେ ଥିବା ଅଧିକାଂଶ ଅଞ୍ଚଳରେ ବଡ଼ବଡ଼ ଗଛ କାଟି ଦିଆଯାଇଛି। ନୂଆ ରାଜଧାନୀ ପ୍ରତିଷ୍ଠା ସମୟରେ ଏବଂ ପରବର୍ତ୍ତୀ କାଳରେ ବିଭିନ୍ନ ସ୍ଥାନରେ ରୋପିତ ହୋଇଥିବା ବୃକ୍ଷରାଜି ଆଉ ଏ ସହରରେ ନାହିଁ।

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପରେ ରାଜ୍ୟର ସବୁଠାରୁ ଚଳଚଞ୍ଚଳ ଓ ବିକଶିତ ସହର କଟକ ରାଜ୍ୟର ରାଜଧାନୀ ଭାବେ କାର୍ଯ୍ୟ କରୁଥିଲା। ବ୍ରିଟିଶ ସରକାର ଓଡ଼ିଶା ପାଇଁ ଏକ ନୂଆ ରାଜଧାନୀର ସନ୍ଧାନରେ ଥିବା ବେଳେ ତତ୍କାଳୀନ ସମାଜର ବିଭିନ୍ନ ବର୍ଗର ଚାପ ଏବଂ ପରସ୍ପର ବିରୋଧୀ ଆଭିମୁଖ୍ୟ ଯୋଗୁଁ କୌଣସି ସ୍ଥାନ ଚୟନ ହୋଇପାରୁନଥିଲା। ବିଭିନ୍ନ ସମୟରେ ଗଠିତ କମିଟିଗୁଡ଼ିକ କଟକ, ସମ୍ବଲପୁର, ପୁରୀ, ଅନୁଗୁଳ, ବ୍ରହ୍ମପୁର, ବାଲେଶ୍ୱର ଆଦି ସ୍ଥାନଗୁଡ଼ିକ ସଂପର୍କରେ ଅନୁଧ୍ୟାନ କରିଥିଲେ ମଧ୍ୟ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁନଥିଲେ। କାରଣ ସବୁବେଳେ କଟକର ଲବି ଜୋରଦାର ହେଉଥିଲା, ଅଥଚ ଦୁଇ ପଟେ ନଦୀ ଥିବା କଟକର ସଂପ୍ରସାରଣ ପାଇଁ ସୁଯୋଗ ନଥିବାରୁ କମିଟିଗୁଡ଼ିକର ଏହା ପସନ୍ଦ ହେଉନଥିଲା। ଶେଷରେ ହରେକୃଷ୍ଣ ମହତାବଙ୍କ ମନପସନ୍ଦର ସ୍ଥାନ ଭୁବନେଶ୍ୱରକୁ ୧୯୪୫ ମସିହାରେ ରାଜ୍ୟର ନୂଆ ରାଜଧାନୀ ରୂପେ ବଛାଯାଇଥିଲା। ସେତେବେଳେ ମହତାବ ପୁନା ଜେଲ୍‌ରେ ଥାଆନ୍ତି। ୧୯୪୬ ମସିହାରେ ମହତାବଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଓଡ଼ିଶାରେ ସରକାର ଗଠନ ହେଲା ଏବଂ ସେହିବର୍ଷ ସେପ୍ଟେମ୍ବର ମାସ ୩୦ ତାରିଖରେ ରାଜ୍ୟ ବିଧାନସଭାରେ ଭୁବନେଶ୍ୱରକୁ ନୂଆ ରାଜଧାନୀ କରିବାର ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

ଦେଶ ସ୍ୱାଧୀନ ହେବାପରେ ମହତାବ ମୁଖ୍ୟମନ୍ତ୍ରୀ ହେଲେ ଏବଂ ନୂଆ ରାଜଧାନୀ ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଲା। ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଭୁବନେଶ୍ୱର ଆସି ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ନୂଆ ରାଜଧାନୀର ଶୁଭ ଦେଲେ ଏବଂ ନିର୍ମାଣ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହେଲା।

ଦୁର୍ଭାଗ୍ୟର କଥା ହେଉଛି, ନୂଆ ରାଜଧାନୀରେ ପ୍ରଥମେ ୧୨ ହଜାର ଲୋକ ରହିବେ ବୋଲି ଆକଳନ କରାଯାଇଥିଲା। ପାଞ୍ଚ ବର୍ଷରେ ସହରର ଜନସଂଖ୍ୟା ୧୫ ହଜାରକୁ ବୃଦ୍ଧି ପାଇବ ଏବଂ ଭବିଷ୍ୟତରେ ସର୍ବାଧିକ ୪୦ ହଜାର ଲୋକ ରହିବେ ବୋଲି ଅନୁମାନ କରାଯାଇଥିଲା। ଅଥଚ ଆଜି ସହରର ଜନସଂଖ୍ୟା ୧୫ରୁ ୨୦ ଲକ୍ଷ ହେବ ବୋଲି ସେଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏତେ ଲୋକଙ୍କ ପାଇଁ ଯୋଜନା କାହିଁ ?

ଗୋଟେ ଛୋଟିଆ ସହରରୁ ଭୁବନେଶ୍ୱର ଧୀରେଧୀରେ ବିଜ୍ଞାପିତ ଅଞ୍ଚଳ ପରିଷଦରେ ପରିଣତ ହେଲା। ପରେ ମ୍ୟୁନିସିପାଲଟି ଏବଂ ଶେଷରେ ମହାନଗର ନିଗମ ହୋଇଛି। ତେବେ ଏତେ ବଡ଼ ଜନସମୁଦାୟ ରହିବା ନିମନ୍ତେ ସହରରେ ଯେଭଳି ସୁଯୋଗର ବ୍ୟବସ୍ଥା କରାଯିବା କଥା ତାହା ଅତ୍ୟନ୍ତ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଆସିଥିବା ସମସ୍ତଙ୍କର ହୃଦବୋଧ ହୁଏ। ମନଇଚ୍ଛା ବିଭିନ୍ନ ସ୍ଥାନରେ ବସ୍ତି ଗଢ଼ିଉଠିଛି। ରାସ୍ତା ସଂପ୍ରସାରଣ, ପୁନର୍ନିର୍ମାଣ ନାଁରେ ମାସମାସ ଧରି କାମ ଚାଲୁଛି। ଯୁଆଡ଼େ ଦେଖିବା ସେଆଡ଼େ ଖାଲଖମା ମାଳମାଳ। ବେଙ୍ଗ ମୁତିଲେ ପାଣି ଜମିବା ଭଳି ଅବସ୍ଥା। ସହରର ଟ୍ରାଫିକ୍ ସମସ୍ୟା ଉତ୍କଟ ହେଲାଣି। ଅନ୍ୟାନ୍ୟ ସମସ୍ୟା କଥା ସମସ୍ତେ ଜାଣନ୍ତି। ଏବେ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି, ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ସହରାଞ୍ଚଳର ମୌଳିକ ସମସ୍ୟାସବୁର ସମାଧାନ କରାଯିବ। ଦେଖାଯାଉ, ମୁଖ୍ୟମନ୍ତ୍ରୀଙ୍କ ଏ ପ୍ରତିଶ୍ରୁତି ପୂରଣ ହେବାକୁ କେତେଦିନ ଲାଗୁଛି।

# Insomnia & its Treatment

Insomnia is the most common sleep disorder and includes having difficulty falling sleep, waking often during the night, waking up too early or just that your sleep isn't refreshing. Insomnia can sap not only your energy level and mood but also your health, work performance and quality of life.

**Insomnia symptoms:** Difficulty falling asleep at night Sleepiness during the day Fatigue, grumpiness, irritability, depression, anxiety Problems with concentration and memory

**Primary causes** : Stress related to big life events like a job loss , the death of a loved one, divorce or break up in love Changes to your sleep habits, like sleeping in a hotel, new home Thing around you like noise, light or temperature Excessive use of Smartphone, computer in night time before sleeping

**Secondary causes:** Mental health issues like depression Medications for colds, allergies, asthma Pain or discomfort at night Chronic pain conditions such as arthritis or back pain Excessive use of Caffeine, tobacco or alcohol Pregnancy.

**Dangers of insomnia:** A lack of sleep can cause a bunch of health issues such as higher blood sugar levels, liver problems and severe depression. Chronic insomnia can increase the likelihood of some serious diseases and illness including heart attack and stroke.

**Treatment:** Acute insomnia may not need for treatment. If it's hard for you to do everyday activities because you're tired, your doctor may prescribe sleeping pills for a short time. Don't use over the counter sleeping pills for insomnia. They might have side effects.

For improvement in sleeping disorder naturally do regular exercises, yoga, meditation, morning & evening walk.



**Ranjit Pattnaik**
Electro Homoeopathic Practioner, Bhubaneswar

Avoid excessive use of tea, coffee before bed time.

Don't take unnecessary stress. Listen to your favourite music for relaxing your mood and mind.

**Through Electro Homoeopathic:** 4th or 5th dilutions of S1 (in chronic cases 100 th, 500 th dilution etc) A3 ,F1 should be used. 10-15 pills of S1 before meals and 10-15 pills of S10 after meals. 10 pills of C5 should be used in the morning in one cup of water daily. Take5 pills of vermifugo at bed time. On the feet apply 20-30drops of WE At bed time.

# ଦାସ ବିଦ୍ୟାଧର ପୁର ପଞ୍ଚାୟତର ଦୁଃଖ : ବାଲିଘାଇ ସେତୁ

## ଜୀବନକୁ ବାଜି ଲଗାଇ ଯାଉଛନ୍ତି ସ୍କୁଲ କଲେଜ ଛାତ୍ରଛାତ୍ରୀ

ସାକ୍ଷୀଗୋପାଳ : ସାକ୍ଷୀଗୋପାଳ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବନ ପୁର ଦାଶବିଦ୍ୟାଧରପୁର ରାସ୍ତାର ବାଲିଘାଇ ଠାରେ ୧୯୮୨ ମସିହାରେ ନିର୍ମିତ ପୁରାତନ ବାଲିଘାଇ ବ୍ରିଜ ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି। ତତ୍କାଳୀନ ସଂସଦ ବ୍ରଜ ମୋହନ ମହାନ୍ତିଙ୍କ ଅନୁଦାନରେ ଏହି ସେତୁ ନିର୍ମିତ ହୋଇଥିଲା । ଏହି ରାସ୍ତା ଉପରେ ସତ୍ୟବାଦୀ ବ୍ଲକର ଦାସ ବିଦ୍ୟାଧର ପୁର, ଡେଲାଙ୍ଗ ବ୍ଲକର ଶ୍ରୀ ପୁରୁଷୋତ୍ତମ ପୁର, ଧାନ କେରା ଓ ଅଭୟ ମୁଖୀ ସମେତ ଅନ୍ୟ ଅଞ୍ଚଳର ହଜାର ହଜାର ଜନସାଧାରଣଙ୍କ ନିମନ୍ତେ ଏକମାତ୍ର ଗମନାଗମନ ରାସ୍ତା ଅଟେ । ଏହି ବ୍ରିଜ ବର୍ତ୍ତମାନ ଦବି ଯାଇଅଛି । ଏହି ସେତୁ ବର୍ତ୍ତମାନ ଧନୁ ପରି ବଙ୍କା ହୋଇ ଯାଇଅଛି । କେତେବେଳେ ବ୍ରିଜ ଭୁଶୁଡି କିଛି ଅଘଟଣ ଘଟିବ ସେ ନେଇ ଅଞ୍ଚଳ ବାସୀ ଦୁଃଖ ଓ ଭୟରେ ରହିଛନ୍ତି । ବ୍ରିଜର ଏଭଳି ଅବସ୍ଥା ନେଇ ବିଭିନ୍ନ ସମୟରେ ବିଗତ ଦିନରୁ ସରପଞ୍ଚଙ୍କ ଠାରୁ ଗ୍ରାମବାସୀମାନେ ଅନେକ ଥର ବିଭାଗୀୟ ଅଧିକାରୀ ଓ ବିଧାୟକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଯାବତ ଏହାର କୌଣସି ସମାଧାନ ହୋଇପାରିନାହିଁ । ଏହି ବ୍ରିଜ ଦେଇ ଦୈନିକ ଶତାଧିକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ସହ ବସ ଟ୍ରାକ୍ଟର ,ଅଟୋରିକ୍ସା ଆଦି ଯାତାୟାତ କରୁଛି । ସେତୁର ଦୁଇ ଗୋଟି ପିଲର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ କୌଣସି ସମୟରେ ଅଘଟଣ ଘଟିବାର ସମ୍ଭାବନା ରହିଅଛି । ଏହି ସେତୁକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ବିପଦ ସଂକୁଳ ଘୋଷଣା କରିବା ସହ ଉକ୍ତ ସ୍ଥାନରେ ନୂତନ ବ୍ରିଜ ନିର୍ମାଣ ନିମନ୍ତେ ଅଞ୍ଚଳ ବାସୀ ଦାବୀ କରିଥିଲେ । ଅଞ୍ଚଳ ବାସୀମାନେ ଏହି ସ୍ଥାନରେ ନୂତନ ସେତୁ ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ, ସାକ୍ଷୀଗୋପାଳ, ବିଭାଗ ନିକଟରେ ଦାବୀ କରିଥିଲେ । ମାତ୍ର ଏହି ସେତୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନୁହେଁ ବୋଲି ବିଭାଗୀୟ



ଅଧିକାରୀ ସୂଚନା ପ୍ରଦାନ କରି ଡ୍ରେନେଜ ବିଭାଗ ନିକଟରେ ଏହି ସେତୁ ନିର୍ମାଣ ନିମନ୍ତେ ଦାବୀ କରିବାକୁ ମତ ଦେଇଥିଲେ । ଅଞ୍ଚଳ ବାସୀମାନେ ଏହି ସ୍ଥାନରେ ନୂତନ ସେତୁ ନିର୍ମାଣ ନିମନ୍ତେ ଡ୍ରେନେଜ ବିଭାଗ, ପୁରୀ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ । ମାତ୍ର ଏହି ସେତୁ ଡ୍ରେନେଜ ବିଭାଗର ନୁହେଁ ବୋଲି ବିଭାଗୀୟ ଅଧିକାରୀ ଜଣାଇଥିଲେ କ୍ଷ ଏହି ସେତୁ କେଉଁ ବିଭାଗର ବୋଲି ସ୍ଥିରୀକୃତ ହୋଇ ପାରି ନାହିଁ କ୍ଷ ଫଳରେ ଏହି ସ୍ଥାନରେ ନୂତନ ସେତୁ ନିର୍ମାଣ ହୋଇ ପାରୁ ନାହିଁ ।

# Our Planet, Our Responsibility: Small Actions for a Sustainable Future



Nihar Ranjan Acharya

The environment, once taken for granted, has now become one of humanity's greatest concerns. Over the last century, rapid industrialization, deforestation, and pollution have dramatically altered our planet's landscape, putting biodiversity, water quality, air, and climate at risk. As the effects of climate change become increasingly apparent, from severe weather events to rising sea levels, the urgent need for collective environmental responsibility is clearer than ever. While large-scale changes are essential, the power of small, individual actions cannot be underestimated. Together, these efforts can build momentum toward a more sustainable and healthier future for our planet.

**Understanding the Environmental Crisis**

The environment faces multiple challenges, many of which are interlinked. Climate change, driven by greenhouse gas emissions from fossil fuel use, has led to extreme weather events, impacting both human and wildlife populations. Forests, often called the "lungs of the Earth," are disappearing at alarming rates due to deforestation, while pollution contaminates our water and air, leading to health issues and impacting entire ecosystems. Biodiversity loss is another critical issue, with more species facing extinction now than at any other time in history. All these problems are interconnected, showing how a disturbance in one part of the ecosystem impacts the whole. It's a crisis that requires immediate attention and action at both the macro and micro levels.

**The Power of Small Actions**

When faced with the enormity of environmental issues, individuals often feel powerless.




However, small actions, when multiplied by millions, can have a profound impact. Simple changes in our daily routines can contribute to a more sustainable planet. One of the most effective steps is reducing single-use plastic. Plastic takes hundreds of years to degrade and often ends up in our oceans, harming marine life. By using reusable bags, bottles, and containers, we can significantly reduce plastic waste.

Another impactful step is conserving energy. Simple actions, such as turning off lights when leaving a room, using energy-efficient appliances, and opting for renewable energy sources like solar or wind, can reduce carbon emissions. Transportation choices also play a role. Walking, biking, carpooling, or using public transportation are excellent alternatives to driving alone and help cut down on emissions.

Water conservation is another crucial area. Freshwater resources are finite, and wasting water has far-reaching consequences. Simple steps like fixing leaks, taking shorter showers, and using water-saving appliances can help reduce our water footprint. Composting organic waste and supporting sustainable agricultural practices are additional ways individuals can make a difference.

**Educating and Inspiring Future Generations**

While immediate action is necessary, fostering environmental consciousness in younger generations is crucial for long-term sustainability. Schools and communities have a role to play in educating children about environmental responsibility and sustainable living. Programs focusing on recycling, tree-planting, and community clean-ups encourage children to care for their surroundings. Teaching kids about the impact of their choices empowers them to make sustainable decisions as they grow.

